## REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**10 April – 2025**

# ମୁଖ୍ୟମନ୍ତ୍ରୀ-ସ୍ୱରାଷ୍ଟ୍ରମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତକାଳରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ୍ କରି ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି । ଆଗାମୀ ଦିନରେ ପୋଲିସ ବାହିନୀକୁ ସଶକ୍ତ କରିବା ଲାଗି ୧୨ହଜାରରୁ ଅଧିକ ନିଯୁକ୍ତି ସହ ୨୦ଟି ନୂଆ ସାଇବର ପୋଲିସ ଷ୍ଟେସନ ସ୍ଥାପନ ଓ ପ୍ରତ୍ୟେକ ଥାନାରେ ଗୋଟିଏ ଲେଖାଏଁ କ୍ରାଇମ୍ ସିନ୍ ଅଫିସର ପଦବୀ ସୃଷ୍ଟି ପାଇଁ ଆଲୋଚନା କରାଯାଇଛି । ଟ୍ରାଫିକ ସମସ୍ୟା ଦୂର କରିବା ଲାଗି ୨ହଜାରଟି ନୂଆ ଟ୍ରାଫିକ ପୁଲିସ ପଦବୀ ସହ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଆସନ୍ତା ୬ ମାସ ପାଇଁ ପ୍ରଶାସନର ସମସ୍ତ ସ୍ତରରେ ନୂଆ ଅପରାଧିକ ଆଇନ୍‌ର କାର୍ଯ୍ୟକାରୀତାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିବା ଜଣାପଡିଛି ।

# ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ରାଜ୍ୟରେ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲାଗି ୧୩ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ୧୫ଟି ନିବେଶ ଲାଗି ପ୍ରସ୍ତାବ ଆସିଥିବା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟକୁ ଏକଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ଏହାଦ୍ୱାରା ୯୫ହଜାର ୧୯୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେ କହିଛନ୍ତି ଭାରତୀୟ ତୈଳ ନିଗମ ସହ ହୋଇଥିବା ଚୁକ୍ତି ଅନୁଯାୟୀ ରାଜ୍ୟରେ ୫୮ହଜାର ୪୨କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ୨୪ହଜାର ନିଯୁକ୍ତି ସୃଷ୍ଟି ହେବ । ଏହି ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ୨୫ରୁ ଅଧିକ ଶିଳ୍ପପତିମାନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

**V/O**

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆସନ୍ତାକାଲି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ ହେବ । କଟକ ବାଲିଯାତ୍ରା ପଡ଼ିଆରେ ମୁଖ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ଜଣ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଯୋଗଦେବେ । ରାଜ୍ୟରେ ଥିବା ୧ ହଜାର ୪୦୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ।

କେନ୍ଦ୍ରାପଡାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେହିପରି ନୟାଗଡରେ ମନ୍ତ୍ରୀ ସୁରେଶ ପୂଜାରୀ,

ନବରଙ୍ଗପୁରରେ ରବିନାରାୟଣ ନାଏକ, କୋରାପୁଟରେ ନିତ୍ୟାନନ୍ଦ ଗଣ୍ଡ, ଢ଼େଙ୍କାନାଳରେ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ପୃଥ୍ୱୀରାଜ ହରିଚନ୍ଦନ, ଗଞ୍ଜାମରେ ବଭୁତିଭୂଷଣ ଜେନା, ମୟୂରଭଞ୍ଜରେ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ସୂର୍ଯ୍ୟବଂଶୀ ସୂରଜ, ଖୋର୍ଦ୍ଧାରେ ପ୍ରଦୀପ ବଳସାମନ୍ତ, କେନ୍ଦୁଝରରେ ଗଣେଶ ରାମ ସିଂହ ଖୁଣ୍ଟିଆ ଓ ଜଗତ୍‌ସିଂହପୁରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

# ପ୍ରଭାତି ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମହିଳା ଓ ଶିଶୁବିକାଶ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଏହି ଅବସରରେ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟେକ୍‌ହୋମ୍ ରାସନ ଉତ୍ପାଦନ ମଡେଲ ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଏହାଛଡା ବୈଠକରେ ସକ୍ଷମ ଅଙ୍ଗନବାଡି ଓ ମିଶନ ବାତ୍ସଲ୍ୟର କାର୍ଯ୍ୟକାରୀତା ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡିରେ ପରିଣତ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

# ସମୀକ୍ଷା

ଶିଳ୍ପ ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ନୂଆପଡା ଜିଲ୍ଲା ଗସ୍ତରେ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗସ୍ତକାଳରେ ସେ ଖରିଆର ରୋଡ ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସ ଏବଂ ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ସୁନାଦେଇ ମନ୍ଦିର ଓ ଧର୍ମଶାଳା ପରିଦର୍ଶନ କରିଥିଲେ । ସୁନାବେଡାରେ ସେ ଲୋକଙ୍କ ଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଡେକୁନପାନି ଗାଁର ଜଳଯୋଗାଣ ପ୍ରକଳ୍ପ ଦେଖିଥିଲେ ।

# ବିଶ୍ୱ ହୋମିଓପାଥିକ ଦିବସ

ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନ ଏପ୍ରିଲ ମାସ ୧୦ତାରିଖକୁ ବିଶ୍ୱ ହୋମିଓପ୍ୟାଥି ଦିବସ ଭାବେ ପାଳନ କରାଯାଉଛି । ବିଭିନ୍ନ ରୋଗର ଚିକିତ୍ସାକ୍ଷେତ୍ରରେ  ହୋମିଓପ୍ୟାଥି ଗୋଟିଏ ବିକଳ୍ପ ସ୍ୱାସ୍ଥ୍ୟ ଚିକିତ୍ସା ପଦ୍ଧତି । ବିଶ୍ୱର ୮୦ରୁ ଅଧିକ ଦେଶରେ ହୋମିଓପ୍ୟାଥି ଚିକିତ୍ସାକୁ ଗ୍ରହଣ କରାଯାଇଛି ।  ପକ୍ଷଘାତ, ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ ଠାରୁ ଆରମ୍ଭ କରି ମଧୁମେହ, ଗ୍ୟାଷ୍ଟ୍ରିକ, ସ୍ନାୟୁରୋଗ ପର୍ଯ୍ୟନ୍ତ ହୋମିଓପ୍ୟାଥିକ ଚିକିତ୍ସାରେ ସୁଫଳ ମିଳିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହୋମିଓପ୍ୟାଥି ଚିକିତ୍ସାକୁ ମାନ୍ୟତା ଦେବା ସହିତ ଏହି ଚିକିତ୍ସାର ଗୁଣବତ୍ତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସବୁଠାରୁ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚିକିତ୍ସାରେ ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ । ହୋମିଓପ୍ୟାଥି ଡାକ୍ତରଙ୍କର ପରାମର୍ଶ ଅନୁସାରେ ଠିକ୍‌ଭାବେ ଚିକିତ୍ସିତ ହେଲେ ରୋଗୀର ରୋଗ ସମ୍ପୂର୍ଣ୍ଣଭାବେ ମୂଳୋତ୍ପାଟନ ହୋଇଥାଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଯୋଗୁଁ ହୋମିଓପ୍ୟାଥି ଚିକିତ୍ସା ଦେଶରେ ସୁଫଳ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ୫୬୦ଟି ହୋମିଓପ୍ୟାଥିକ ଡାକ୍ତରଖାନା ଓ ଚାରିଟି ହୋମିଓପାଥି ମହାବିଦ୍ୟାଳୟ ରହିଛି । **ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ଅଧ୍ୟୟନ, ଅଧ୍ୟାପନ ଓ ଅନୁସନ୍ଧାନ'** ।

## ଅନ୍‌ଲାଇନ୍ ଆବେଦନ

ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ବର୍ଷ ନିମନ୍ତେ ବିକାଶ ତାଲିମ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ସର୍ଭିସେସ୍ ବିଭାଗରେ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତାମାସ ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ । ଏଥିପାଇଁ ପ୍ରାର୍ଥୀମାନେ ୨ବର୍ଷିୟା ଆଇଟିଆଇ କିମ୍ବା ୩ ବର୍ଷୀୟା ଡିପ୍ଲୋମା କରିଥିବା ଆବଶ୍ୟକ । worldskillcenter.org ୱେବ୍‌ସାଇଟ୍‌ରେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଆବେଦନ କରିପାରିବେ ।

# ଅଂଶୁଘାତ-ସ୍ୱତନ୍ତ୍ର ବ୍ୟବସ୍ଥା

ଗଞ୍ଜାମ ଜିଲ୍ଲାରେ ଅଂଶୁଘାତଜନିତ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିଲାଗି ସ୍ୱତନ୍ତ୍ର ଶଯ୍ୟା ସହ ଜୀବନ ରକ୍ଷାକାରୀ ଔଷଧ ଓ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାରେ ୧୬୩ଟି ସ୍ୱତନ୍ତ୍ର ଶଯ୍ୟା ସହ ୧୪୩ଟି ଶୀତତାପ ନିୟନ୍ତ୍ରିତ କକ୍ଷ ସ୍ଥାପନ କରାଯାଇଛି ।

# ମା’ ବୁଢ଼ୀଠାକୁରାଣୀ ପୂଜା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଆରାଧ୍ୟ ଦେବୀ ମା’ ବୁଢ଼ୀଠାକୁରାଣୀ ମାଉସୀ ମା’ ଘରେ ପହଞ୍ଚିଛନ୍ତି । ସେଠାରେ ପିଠାପଣା ଆଦି ଭୋଗ ଲାଗିବା ପରେ ମା’ଙ୍କ ଘଟ ଖାସ୍‌ପା ସାହି ପରିକ୍ରମା କରିଥିଲା । ମା’ଙ୍କ ଯିବା ବାଟରେ ମହିଳାମାନେ ହଳଦୀପାଣି ପକାଇବା ସହ ଅସ୍ଥାୟୀ ମଣ୍ଡପରେ ମା’ଙ୍କ ପୂଜାର୍ଚ୍ଚନା କରୁଛନ୍ତି ।

# ମାଣ୍ଡିଆ ଚାଷ

ଭଦ୍ରକ ଜିଲ୍ଲାରେ ମାଣ୍ଡିଆ ଚାଷ ପାଇଁ କୃଷକମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ଗତକାଲି ଜିଲ୍ଲା କୃଷି ଅଧିକାରୀ ଓ ବିଶେଷଜ୍ଞମାନେ ଜିଲ୍ଲାର ବନ୍ତ ବ୍ଲକର ଟିଲୋ, ଦେବତାଗଡିଆ, ଓଡଙ୍ଗ ଆଦି ପଞ୍ଚାୟତ ପରିଦର୍ଶନ କରି ଚାଷୀମାନଙ୍କରେ ଥିବା ମାଣ୍ଡିଆ ଓ ରବିଚାଷ ଅନୁଧ୍ୟାନ କରିଥିଲେ ।

ମାଣ୍ଡିଆ ଚାଷର ଉପାଦେୟତା ନେଇ କୃଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା ।

# ପୋଲିସ ହକି ଚାମ୍ପିୟନସିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନସିପ୍‌ର ତୃତୀୟ ଦିନରେ ୭ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ଉତ୍ତରାଖଣ୍ଡ ୯-୦ ଗୋଲ୍‌ରେ ଚଣ୍ଡିଗଡ ପୋଲିସ୍‌କୁ ପରାସ୍ତ କରିଛି । ସେହିପରି ଆଇଟିବିପି ୮-୩ ଗୋଲ୍‌ରେ ରାଜସ୍ଥାନ ପୋଲିସ ଦଳକୁ ପରାସ୍ତ କରିଥିବାବେଳେ ମଣିପୁର ୩-୧ ଗୋଲ୍‌ରେ ଝାଡ଼ଖଣ୍ଡକୁ, ପଶ୍ଚିମବଙ୍ଗ ୬-୩ ଗୋଲ୍‌ରେ ଛତିଶଗଡକୁ, ଏସ୍‌ଏସ୍‌ବି ମହିଳା ଦଳ ୧୭-୦ ଗୋଲ୍‌ରେ ଗୁଜୁରାଟ ମହିଳା ପୋଲିସକୁ, ଉତ୍ତରପ୍ରଦେଶ ୨-୧ ଗୋଲ୍‌ରେ ଓଡ଼ିଶାକୁ ଓ ଜାମ୍ମୁକାଶ୍ମୀର ପୋଲିସ ୧୮-୦ ଗୋଲ୍‌ରେ ଗୁଜୁରାଟ ପୋଲିସ ଦଳକୁ ପରାସ୍ତ କରିଛି ।